**ବିଲରେ ନାବାଳକଙ୍କ ମୃତ୍ୟୁ**

ଭଞ୍ଜନଗର,(ଡି.ଏନ.ଏ): ତାରସିଂ ଥାନା ଅନ୍ତର୍ଗତ କ୍ଷେତମୁଣ୍ଡାଳିର ବିଲମାଳରେ ଶନିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶୁଭମ ଗୌଡ଼ (୧୭)। ରବିବାର ସକାଳେ ପରିବାର ଲୋକେ ଶୁଭମଙ୍କୁ ବିଲରୁ ଅଚେତ ଅବସ୍ଥାରେ ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାରସିଂ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।। ବଜ୍ରପାତ ଯୋଗୁ ଶୁଭମ୍‌ଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଲୋକ ସଂଗଠନ ଦ୍ୱାରା ମିଶନ ଚାଟଶାଳୀର ଶୁଭାରମ୍ଭ। ସ୍ଥାନ- କମ୍ୟୁନିଟି ହଲ୍ ଲାଇନ୍‌ପଡ଼ା, ସମୟ- ଅପରାହ୍ନ ୧ଟା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ଚେନ୍, ମୋବାଇଲ୍ ଲୁଟ୍

ବ୍ରହ୍ମପୁର ଅଫିସ,୧୬।୮: ସଦର ଥାନା ଅନ୍ତର୍ଗତ ଲୋଚାପଡ଼ା ପାଣିମହାପ୍ରଭୁ ମନ୍ଦିର ରାସ୍ତାରେ ୧୪ ତାରିଖ ସନ୍ଧ୍ୟାରେ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଜି.ରଘୁନାଥପୁର ଅଞ୍ଚଳର ଯୁବକ ବି.ସୁନୀଲ ପାତ୍ର। ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରି ସୁନା ଚେନ୍ ଓ ମୋବାଇଲ୍ ଲୁଟି ଚମ୍ପଟ ମାରିଛନ୍ତି। ଆକ୍ରମଣରେ ସୁନୀଲ ଗୁରୁତର ହୋଇଥିବା ବେଳେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସୁନୀଲ ସେହି ରାସ୍ତା ଦେଇ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ପାଣିମହାପ୍ରଭୁ ମନ୍ଦିର ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କ ସହିତ ଯୁକ୍ତିତର୍କ କରି ପ୍ରବଳ ମାଡ଼ ମାରିଥିଲେ। ଏହାପରେ ତାଙ୍କର ସୁନା ଚେନ୍ ଓ ମୋବାଇଲ୍ ଲୁଟି ନେଇଥିଲେ। ସୁନୀଲ ସେଠାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ପୋଲିସ ନଂ.୨୭୩/୨୧ରେ ଏକ ମାମଲା ରୁଜୁ କରିଛି।

### ମା', ଝିଅଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୬।୮: ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଦୁର୍ବ୍ୟବହାର ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗାନ୍ଧୀନଗରର ସୁମନ ରାଉତ (୩୦)। ନମ୍ବର ୧୬୨/୨୧ରେ ସୁମନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରବିବାର ସନ୍ଧ୍ୟାରେ ସୁମନ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଟଣାଓଟରା କରିଥିଲେ। ଏପରିକି ଘର ଭିତରେ ଥିବା ତାଙ୍କ ଝିଅଙ୍କୁ ମଧ ବଳାତ୍କାର ଉଦ୍ୟମ କରିବା ଉଦ୍ଦେଶ୍ୟରେ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ପୋଲିସ ସୁମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆଇଟିଆଇ ପକ୍ଷରୁ ସ୍ୱାଧୀନତା ଦିବସ

ବ୍ରହ୍ମପୁର ଅଫିସ୍,୧୬।୮: ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ରବିବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅନୁଷ୍ଠାନର ଦକ୍ଷତା, କ୍ୟାମ୍ପସ୍ ଚୟନ ଓ ବିଭିନ୍ନ କାରୁକାର୍ଯ୍ୟ କରି ଖ୍ୟାତି ଅର୍ଜନ କରିଛି ବୋଲି ଅଧକ୍ଷ କହିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟବନ୍ଦ

ବ୍ରହ୍ମପୁର ଅଫିସ,୧୬।୮: ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ଯୁବ ଆଇନଜୀବୀ ହିମାଂଶୁ ଦେଓଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ହିମାଂଶୁଙ୍କର ଗତ ୧୪ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବି. ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ପ୍ରଦୀପ ପଣ୍ଡା, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, ନିର୍ମଳ ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ନନ୍ଦ ତ୍ରିପାଠୀ, ଜଗନ୍ନାଥ ମିଶ୍ର, ଅଭୟ ପଣ୍ଡା, ବାପୁଜୀ ପଟ୍ଟନାୟକ, ନୀଳାଞ୍ଚଳ ତ୍ରିପାଠୀ, ଦୁର୍ଗା ଶଙ୍କର ବେହେରା, ଦୁର୍ଗା ରାଓ, କୁଞ୍ଜ ବିହାରୀ ପଣ୍ଡା, କେଶବ ମହାନ୍ତି, ପ୍ରଭୁଦତ୍ତ ଆଚାର୍ଯ୍ୟ, ନରେଶ ପ୍ରସାଦ ପାତ୍ର, ତାପସ ସାହୁ, ସୂର୍ଯ୍ୟକାନ୍ତ ସୁବୁଦ୍ଧି ଓ ଅନିଲ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦିନକ ପାଇଁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ପ୍ରତ୍ୟକ୍ଷ ନିର୍ବାଚନ ହେଲେ ବନ୍ଦ ହେବ ଘୋଡ଼ାବେପାର

- ଦେଢ଼ ଶହ ବର୍ଷର ବ୍ରହ୍ମପୁର ପୌର ସଂସ୍ଥା
- ନଗରପାଳ ପାଇଁ ୨ ଥର ହୋଇଛି ପ୍ରତ୍ୟକ୍ଷ ନିର୍ବାଚନ

ବ୍ରହ୍ମପୁର ଅଫିସ,୧୬।୮

ବ୍ରହ୍ମପୁର ମହାନଗର ନିଗମ ସମେତ ଗଞ୍ଜାମ ଜିଲାର ୧୮ ପୌର ସଂସ୍ଥା ୨୦୧୮ ଅକ୍ଟୋବର ପହିଲାରୁ ସରକାରଙ୍କ ପରିଚାଳନାଧୀନ ହୋଇଛି। ଫଳରେ ସ୍ୱାୟତ୍ତ ଶାସନରେ ୩ ବର୍ଷ ହେବ ଅଫିସରଙ୍କ ଶାସନ ଚାଲିଛି। ବିରୋଧୀ ଦଳ ପକ୍ଷରୁ ବହୁ ଅଭିଯୋଗ ଓ ସମାଲୋଚନା ପରେ ପୌର ନିର୍ବାଚନ କରାଯିବାର ବିଗୁଲ୍ ବାଜିଛି। କେବେ ହେବ ତାହା ବିଧିବଦ୍ଧ ଭାବେ ଘୋଷଣା କରାନଯାଇ ମେୟର ଏବଂ ମ୍ୟୁନିସିପାଲିଟି ଓ ଏନ୍ଏସି ନଗରପାଳ ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନର ସୂଚନା ଦିଆଯାଇଛି। ଏହାଦ୍ୱାରା ଘୋଡ଼ାବେପାର ବନ୍ଦ ହେବାର ସ୍ପଷ୍ଟ ହୋଇଥିବାରୁ ସଚେତନ ମହଲରେ ସ୍ୱାଗତ କରାଯାଇଛି। ତେବେ ରାଜନୈତିକ ଦଳଗୁଡ଼ିକ ସବୁ ଦିଗକୁ ଅନୁଧ୍ୟାନ କରି ଉପଯୁକ୍ତ ପ୍ରାର୍ଥୀ ଚୟନ କରାଯିବାକୁ ମତ ପ୍ରକାଶ ପାଇଛି।

ବ୍ରିଟିଶ୍ ଶାସନରେ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା। ଜିଲାର ବଡ଼ ସହର ବ୍ରହ୍ମପୁରରେ ୧୮୬୭ରେ ପୌରସଂସ୍ଥା ଗଠନ ହୋଇଥିଲା। ୧୫୪ ବର୍ଷର ଏହି ସ୍ୱାୟତ୍ତ ଶାସନ ସଂସ୍ଥାରେ ୨ ଥର ନଗରପାଳ ପଦ ପାଇଁ ସିଧାସଳଖ ବା ପ୍ରତ୍ୟକ୍ଷ ନିର୍ବାଚନ ହୋଇଛି। ୧୯୭୯ରେ ମାତ୍ର ୨୭ ଜଣ କାଉନସିଲର ବିଶିଷ୍ଟ ଏହି ପୌରପାଳିକାରେ ପ୍ରଥମ କରି ନଗରପାଳ ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। ସେତେବେଳେ ଦଳୀୟ ସଂକେତ ନ ଥିଲା। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୃନ୍ଦାବନ ନାୟକ ଘୋଡ଼ା ଚିହ୍ନରେ ଏବଂ ଆଉ ଜଣେ ପୂର୍ବତନ ମନ୍ତ୍ରୀ ପି.ଜଗନ୍ନାଥ ରାଓ ସିଂହ ଚିହ୍ନରେ ମଇଦାନକୁ ଓହ୍ଲାଇଥିଲେ। ଦୁଇ ପୂର୍ବତନ ମନ୍ତ୍ରୀଙ୍କ ମଧ୍ୟରେ ଲଢ଼େଇ ରୋଚକ ହୋଇଥିଲା। ରାଓଙ୍କୁ ପରାସ୍ତ କରି ନାୟକ ବିଜୟୀ ହୋଇଥିଲେ।

ଏହାର ୧୩ ବର୍ଷ ପରେ ୧୯୯୨ରେ ହୋଇଥିବା ପୌର ନିର୍ବାଚନରେ ନଗରପାଳ ପଦ ପାଇଁ ସିଧାସଳଖ ନିର୍ବାଚନ କରାଯାଇଥିଲା। କଂଗ୍ରେସରୁ ଚନ୍ଦ୍ରଶେଖର ସାହୁ ଓ ଜନତା ଦଳରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ। ଲଢ଼େଇ ତୀବ୍ର ହୋଇଥିଲା ଏବଂ ଚ୍ୟାଉ ପଟ୍ଟନାୟକଙ୍କୁ ପରାସ୍ତ କରି ଚନ୍ଦ୍ରଶେଖର ଦ୍ୱିତୀୟ ଥର ନଗରପାଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପରୋକ୍ଷ ଭାବେ ନଗରପାଳ ନିର୍ବାଚନ କରାଯାଇଥିଲା। ଏଥିରେ କଂଗ୍ରେସ ରାଜୁତି କରିଥିଲା। ୨୦୦୩, ୨୦୦୮ ଏବଂ ୨୦୧୩ ରେ ବିଜେଡି ସଂଖ୍ୟାଗରିଷ୍ଠ ହୋଇ ଶାସନ ଦଖଲ କରିଥିବା ପୌରସଂସ୍ଥା ୨୦୦୯ରୁ ମହାନଗର ନିଗମ ହୋଇଛି।

ପୌର ସଂସ୍ଥାରେ ଥରେ କାଉନ୍‌ସିଲର, ଦୁଇଥର ନଗରପାଳ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିବା ଚନ୍ଦ୍ରଶେଖର ୨୦୦୪ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ କଂଗ୍ରେସରୁ ଜିତି ପ୍ରଥମ ଉପା ସରକାରରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଲେ ଏବଂ ବ୍ରହ୍ମପୁର ଏମ୍‌ପି ହୋଇଛନ୍ତି। ମେୟର ଓ ନଗରପାଳ ପାଇଁ ପ୍ରତ୍ୟକ୍ଷ ନିର୍ବାଚନକୁ ସେ ସ୍ୱାଗତ କରିଛନ୍ତି। ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ସିଧାସଳଖ ନିର୍ବାଚନ ସ୍ୱାଗତଯୋଗ୍ୟ ହୋଇଥିବା ଓ ଏହା ଫଳରେ ଘୋଡ଼ା ବେପାର ଅବସାନ ଘଟିବାର ମତ ପ୍ରକାଶ କରିଛନ୍ତି।



ସ୍କୁଲ ପ୍ରବେଶ ଦ୍ୱାରରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

## ପ୍ରଥମ ଦିନରେ ୫୭% ଉପସ୍ଥାନ

ବ୍ରହ୍ମପୁର ଅଫିସ୍,୧୬।୮

ଗଞ୍ଜାମ ଜିଲା ସମେତ ବ୍ରହ୍ମପୁରର ବିଭିନ୍ନ ସ୍କୁଲ ଓ କଲେଜରେ ପାଠପଢା ଆରମ୍ଭ ହୋଇଛି। ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ଏସ୍‌ଓପିକୁ ଅନୁକରଣ କରାଯାଇ ପାଠପଢ଼ା ଆରମ୍ଭ ହୋଇଛି। ଜିଲାର ୬୩୪ ହାଇସ୍କୁଲରେ

**ନବମ ଶ୍ରେଣୀ ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ**

ସୋମବାର ନବମ ଶ୍ରେଣୀ ଅଫ୍‌ଲାଇନ୍ ପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୭% ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହିଥିବା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରବେଶ ପଥରେ ସାନିଟାଇଜ ଓ ତାପମାତ୍ରା ମାପିବା ବ୍ୟବସ୍ଥା କରାଯାଇଥିଲା।

## ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୧୬।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପ୍ରଥମ ବର୍ଷ ଅଫ୍‌ଲାଇନ୍ ପାଠପଢ଼ା କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ସୋମବାର ଆରମ୍ଭ ହୋଇଛି। ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହେବାର ପ୍ରଥମ ଦିନରେ କମ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ପଢା ଆରମ୍ଭ ହୋଇଛି। ପ୍ରବେଶ ପୂର୍ବରୁ ମୁଖ୍ୟଫାଟକ ନିକଟରେ ଥର୍ମାଲ ସ୍କ୍ରିନ୍ କରାଯାଇଥିଲା। ସେହିଭଳି ୧୪ ତାରିଖରୁ ସମସ୍ତ ହଷ୍ଟେଲ ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ୬୦ ଛାତ୍ର ପହଞ୍ଚିଛନ୍ତି। ସୋମବାର ମେସ୍ ଖୋଲାଯାଇଥିବା ୱାର୍ଡେନ୍ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। ସେହିପରି ଛାତ୍ରୀ ନିବାସରେ ୧୫ ଛାତ୍ରୀ ପହଞ୍ଚିଛନ୍ତି। ଅପରାହ୍ନଠାରୁ ମେସ ଆରମ୍ଭ କରାଯିବ ବୋଲି ୱାର୍ଡେନ ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟ କହିଛନ୍ତି। ଏ ନେଇ ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ସୋମବାରରୁ ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହୋଇଛି। କମ୍ ସଂଖ୍ୟକ ଛାତ୍ରୀଛାତ୍ରରେ ମଧ ପଢ଼ା ହୋଇଛି। ସେହିଭଳି ଚଳିତ ୨୩ ତାରିଖରୁ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଚାଲିବ।

## ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ ଦାବି



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୧୬।୮

ବ୍ରହ୍ମପୁର ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଗୋବିନ୍ଦ ବିହାରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ସହରତଳି ଅଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାରୁ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପଞ୍ଚାୟତ ନିର୍ବାଚନ ପାଇଁ ରାଜନେତାମାନେ ସଜବାଜ ହେଉଥିବା ବେଳେ ବ୍ରହ୍ମପୁରର ସହର ତଳି ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରିବାକୁ ନେଇ ସ୍ଥାନୀୟ ଜନପ୍ରତିନିଧି କିମ୍ବା ଜିଲା ପ୍ରଶାସନ କୌଣସି ଆନ୍ତରିକତା ଦେଖାଉ ନ ଥିବା ନେଇ କମିଟି କ୍ଷୋଭ ପ୍ରକାଶ କରିଛି।

କମିଟି ପକ୍ଷରୁ ଜିଲାପାଳ, ବ୍ରହ୍ମପୁର ଏମ୍‌ପି ଓ ବିଧାୟକଙ୍କୁ ସାକ୍ଷାତ୍ କରି ମିଶ୍ରଣ ପ୍ରକ୍ରିୟାକୁ ସମୟ ସୀମା ମଧ୍ୟରେ ସାରିବା ପାଇଁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ନଚେତ୍ କମିଟି ପକ୍ଷରୁ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପସଭାପତି ହରିହର ନାୟକ, ଗୋବିନ୍ଦ ବିହାର ନାଗରିକ ପରିଷଦ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ଓ ନୀଳାଞ୍ଚଳ ନଗର କମିଟି ସମ୍ପାଦକ ଜବାହରଲାଲ ପାତ୍ରଙ୍କ ସମେତ ଉମା ଚରଣ ସାହୁ, ଡ. ରଙ୍ଗନାଥ ମିଶ୍ର ଓ ସୁକାନ୍ତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୬।୮

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳ ରାସ୍ତା ଗଣେଶନଗର ନିକଟସ୍ଥ ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ସୋମବାର ଜବତ ହୋଇଛି। ମୃତ ବ୍ୟକ୍ତି ଜଣକ ଗୁଡ୍‌ସଶେଡ୍ ରୋଡ଼ର ଏ. ନାରାୟଣ ଦୋରା (୩୭)। ଏ ନେଇ ପୋଲିସ ନଂ.୪୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗଣେଶ ଗତ ୧୪ ତାରିଖରେ ସ୍କୁଟି ନେଇ ଘରୁ ବାହାରିଥିଲେ। ରାତି ସୁଦ୍ଧା ଫେରି ନ ଥିଲେ। ପରିବାରବର୍ଗ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। ହେଲେ ଯୋଗାଯୋଗ ସମ୍ଭବ ହୋଇନଥିଲା। ରବିବାର ସ୍ଥାନୀୟ ଲୋକେ ଗଣେଶନଗର ପୋଖରୀ ହୁଡ଼ାରେ ଏକ ସ୍କୁଟି ଓ ହଳେ ଚପଲ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସକୁ ଖବର କରିଥିଲେ। ସ୍କୁଟି ନମ୍ବର ଯାଞ୍ଚ ପରେ ତାହା ନାରାୟଣଙ୍କର ବୋଲି ଜଣାପଡ଼ିଥିଲା। ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋମବାର ପୋଲିସ ଦମକଳ ବାହିନୀ ସହାୟତାରେ ପୋଖରୀରେ ଖୋଜାଖୋଜି କରିବା ପରେ ନାରାୟଣଙ୍କ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଟିକରପଡ଼ା ନୋଡାଲ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର



ପ୍ରଧାନ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର ଅଫିସ୍,୧୬।୮

ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ାସ୍ଥିତ ସରକାରୀ ନୋଡାଲ ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବନ ସଂରକ୍ଷକ ଅମ୍ଳାନ ନାୟକ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ଏ. ମାଧବୀ ଲତା ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ନିମନ୍ତେ ଏହି ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ମହାରଣା ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ।

## ୨୪ ଏସ୍‌ଏଚ୍‌ଜିକୁ ବିଏମ୍‌ସିର ଋଣ ପ୍ରଦାନ

ବ୍ରହ୍ମପୁର ଅଫିସ୍,୧୬।୮



ଋଣ ପ୍ରଦାନ କାର୍ଯ୍ୟକ୍ରମରେ ଜିଲାପାଳ ଓ ବିଏମ୍‌ସି ଅଧିକାରୀ।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଏମ୍‌ସିର ସମ୍ମିଳନୀ କକ୍ଷରେ ନାରୀ ଶକ୍ତି ହିଁ ଓଡ଼ିଶାର ପ୍ରଗତି ନାମକ କାର୍ଯ୍ୟକ୍ରମ ମାଧ୍ୟମରେ ୨୪ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଇଥିଲା। ଋଣ ପାଇଥିବା ସ୍ୱୟଂସହାୟକ ଗୋଷ୍ଠୀ ଖଲିପତ୍ର, ବଡ଼ି, ପାମ୍ପଡ଼, ମିକ୍ସଚର, ଆଚାର ଓ ଛତୁ ଉତ୍ପାଦନ ଆଦି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି କମିଶନର ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବ୍ରହ୍ମପୁର ସର୍କଲ ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ସେଠୀ ଏବଂ ସାନ ବଜାର ଶାଖାର ବରିଷ୍ଠ ମହାପ୍ରବନ୍ଧକ ତଥା ଶାଖା ମୁଖ୍ୟ ସୁଶୀଲ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗାମୁଛା ଲଗାଇ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧୬।୮

ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଧର୍ମନଗରରେ ରହୁଥିବା ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ବୁଦ୍ଧିଆ ସାହୁ (୫୬)। ରବିବାର ସକାଳେ ସେ ଘରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଯୁବକଙ୍କୁ ସମୁଦ୍ରରୁ ଉଦ୍ଧାର କଲେ ଗୃହରକ୍ଷୀ

ଗୋପାଳପୁର,୧୬।୮(ଡି.ଏନ.ଏ.)

ଗୋପାଳପୁର ବେଳାଭୂମିରେ ରବିବାର ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅଞ୍ଚଳର ଜଣେ ଯୁବକ ସାଙ୍ଗମାନଙ୍କ ସହ ବେଳାଭୂମିକୁ ଯାଇ ସନ୍ଧ୍ୟାରେ ଗାଧୋଇବାର ମଜା ନେଉଥିଲେ। ହଠାତ୍ ବେଳାଭୂମିରୁ ୩୦୦ ମିଟର ଭିତରକୁ ଚାଲିଯାଇଥିଲେ। ଲାଇଫ ଗାର୍ଡ଼ ତଥା ଗୃହରକ୍ଷୀ ଟିଟି ବାବୁ ସାହାସିକତା ଦେଖାଇ ଏକ ଟ୍ୟୁବ ଯୋଗେ ସେ ସମୁଦ୍ର ଭିତରକୁ ଯାଇ ସମ୍ପୃକ୍ତ ଯୁବକଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ। ଟିଟି ବାବୁଙ୍କ ଏଭଳି ସାହାସିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷ

**ଫକୀର ଦୋରା ହତ୍ୟା ମାମଲା**

ବ୍ରହ୍ମପୁର ଅଫିସ,୧୬।୮

ଗଞ୍ଜାମ ଜିଲା ଦୌରାଜଜ୍ ଶଶିକାନ୍ତ ମିଶ୍ର ସୋମବାର ବହୁ ଚର୍ଚ୍ଚିତ ଏ. ଫକୀର ଦୋରା ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଆଙ୍କୁଶପୁର ଗ୍ରାମର ଜି.ଶମ୍ଭୁ ରାଓ ଓ ରବୀନ୍ଦ୍ର ଗୌଡ଼। ପ୍ରକାଶ ଯେ, ୨୦୦୦ ଅକ୍ଟୋବର ୯ରେ ଆଙ୍କୁଶପୁରର ଏ. ଫକୀର ଦୋରାଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀର ୫ ଜଣ ଯୁବକ ସଂଘବଦ୍ଧ ହୋଇ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ୧୩୦/୨୦ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ଗୌଡ଼, ନନ୍ଦ ସେଠୀ ଓ କାଳିଆ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଜି.ଶମ୍ଭୁ ରାଓ ଓ ରବୀନ୍ଦ୍ର ଗୌଡ଼ ଫେରାର ଥିଲେ। ପୋଲିସ ସେମାନଙ୍କୁ ଫେରାର ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। କୋର୍ଟରେ ଏହି ମାମଲାର ବିଚାର ବେଳେ ମଧ ସେମାନେ ଫେରାର ଥିଲେ। ଅନ୍ୟପକ୍ଷରେ ବିଚାର ବେଳେ ମହେଶ୍ୱର, ନନ୍ଦ ଓ କାଳିଆ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ପରେ ଶମ୍ଭୁ ରାଓ ହାଇକୋର୍ଟରୁ ଜାମିନ ପାଇଥିବା ବେଳେ ରବୀନ୍ଦ୍ର ଗୌଡ଼ଙ୍କୁ ପୋଲିସ ୨୦୧୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ କିଛି ମାସ ତଳେ ରବୀନ୍ଦ୍ର ଜାମିନରେ ମୁକୁଳିଥିଲେ। ସୋମବାର ଏହି ମାମଲାର ଶୁଣାଣି ବେଳେ ଉକ୍ତ ଦୁଇ ୨ ଅଭିଯୁକ୍ତଙ୍କୁ ଜିଲା ଜଜ କୋର୍ଟରେ ହାଜର କରାଯାଇଥିଲା। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଶମ୍ଭୁ ଓ ରବୀନ୍ଦ୍ରଙ୍କୁ ଜିଲା ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍.ରାମ କୁମାର, ସରୋଜ ଗୌଡ଼ ଓ ଶ୍ରୀହର୍ଷ ଦାସ ମକଦ୍ଦମା ପରିଚାଳନା କରିଥିଲେ।

## ହତ୍ୟା ମାମଲାରେ ୨ ଅଟକ

ବ୍ରହ୍ମପୁର ଅଫିସ,୧୬।୮

ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ଗ୍ରାମରେ ଗତ ୧୪ ତାରିଖ ରାତିରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ଏକ ଖଣ୍ଡା ଜବତ କରାଯାଇଥିବା ସୂଚନା ମିଳିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ରହିଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁସାରେ, ଘଟଣା ଦିନ ନିମଖଣ୍ଡି ଗ୍ରାମର ଗୋପାଳକୃଷ୍ଣ ସାହୁ ଘର ବାହାରେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ୍ ସେଠାରେ ୩ ଜଣ ଯୁବକ ପହଞ୍ଚିଥିଲେ। ଗୋପାଳକୃଷ୍ଣ କିଛି ବୁଝିବା ଆଗରୁ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## 'ଦେଶପ୍ରେମୀ ହୋଇ ଅହିଂସା ମାର୍ଗରେ ଚାଲିବା'

ବ୍ରହ୍ମପୁର ଅଫିସ୍/ଛତ୍ରପୁର(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ/ପାରଳାଖେମୁଣ୍ଡି, ୧୬।୮



ଛତ୍ରପୁରରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅଭିବାଦନ ଗ୍ରହଣ କରୁଛନ୍ତି ।

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପାଳିତ ହୋଇଯାଇଛି। ଏଥିରେ ଆର୍‌ଡିସି ଟି. ଆଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶପ୍ରେମୀ ହୋଇ ସଭିଏଁ ଅହିଂସା ମାର୍ଗରେ ଚାଲିବାକୁ କହିଥିଲେ। ରାଜ୍ୟ ସରକାର ଶିଶୁଙ୍କ ଶାରୀରିକ ଓ ଭୌତିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଶ୍ରେଣୀ ଗୃହରେ ଅନ୍‌ଲାଇନ୍ ପାଠ୍ୟକ୍ରମ ଓ ଇ-ପାଠାଗାର ବ୍ୟବସ୍ଥା କରାଯାଉଛି। ଦେଶ ଓ ରାଜ୍ୟର ପ୍ରଗତି କ୍ଷେତ୍ରରେ ସଂକଳ୍ପବଦ୍ଧ ହେବାକୁ ଆର୍‌ଡିସି ଆହ୍ୱାନ ଦେଇଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବିଏମ୍‌ସି କମିଶନର ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ତଥା ଉତ୍ସବ ପାଳନ କମିଟି ସଭାପତି ଭି. କୀର୍ତ୍ତି ଭାସନ୍ ଯୋଗ ଦେଇଥିଲେ। ଏହି ଅବସରରେ କରୋନା ଯୋଦ୍ଧାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବକୁ ରିଜର୍ଭ ଇନ୍ସପେକ୍ଟର ଦିଲୀପ କୁମାର ବେହେରା ପରିଚାଳନା କରିଥିଲେ।

ଛତ୍ରପୁରରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ଇସ୍ପାତ, ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାସ୍ତରୀୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କରୋନାରେ ଉଲ୍ଲେଖନୀୟ ସେବା ପାଇଁ ଖବରଦାତା ଓ ୨୧ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଓ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଫୁଲବାଣୀରେ କନ୍ଧମାଳ ଜିଲାସ୍ତରୀୟ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଓ ପାରଳାଖେମୁଣ୍ଡିରେ ଗଜପତି ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

